# Akashvani, Sambalpur

## SAMBALPURI NEWS BULLETIN

### 1 November 2025 – 6.47- 6.52 am.

*********************************************

ସୁଭଦ୍ରା ଶକ୍ତି ମେଳା ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାର୍ ମହିଳା ଉଦ୍ୟୋଗୀ ଆଉ ସାଂସ୍କୃତିକ୍ ପରମ୍ପରା କାର୍ଯ୍ୟକ୍ରମ୍ ସୁଭଦ୍ରା ଶକ୍ତି ମେଳା ଆଏଜ୍ଠାନୁ ଭୁବ୍ନେଶ୍ୱର ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ମୁଲ୍ ହେବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆଏଜ୍ ଉପର୍ବେଲା ଇତାର୍ ଶୁଭାରମ୍ଭ କର୍ବେ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଆଇନ୍ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ମେଳା ଆଏବା ୧୨ ତାରିଖ୍ତକ୍ ଚାଲ୍ବା ।

ସୁଭଦ୍ରା ଯୋଜ୍ନା ଆବେଦନ୍ I&PR

ସୁଭଦ୍ରା ପୋର୍ଟାଲ୍ଥି ଆଏଜ୍ଠାନୁ ୨୦୨୫-୨୬ ଆର୍ଥିକ୍ ବଛ୍ରେ ନୂଆଁ ପଞ୍ଜିକରଣ୍ ଲାଗି ଅନ୍ଲାଇନ୍ ଆବେଦନ୍ ମୁଲ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଯେନ୍ମାନ୍କୁ ୨୦ ବଛର୍

ହେଇଥିବା ସେମାନେ ନୂଆଁକରି ଯୋଜ୍ନାଥି ଆବେଦନ୍ କରିପାର୍ବେ । ନୂଆପଡ଼ା ନ ନିର୍ବାଚନ ଆଦର୍ଶ ଆଚରଣ୍ ବିଧି ଲାଗୁ ହେଇଥିବାର୍ନୁ ତାକେ ଛାଡ଼ିକରି ବାକି ସବୁ ଜାଗା ନ ଇ ଯୋଜ୍ନା ଲାଗି ଆବେଦନ୍ କରି ହେବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ନୂଆପଡ଼ା ଉପ ନିର୍ବାଚନ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍ସଭା ଉପ ନିର୍ବାଚନ୍ ଲାଗି ଆଉ ୧୦ ଦିନ୍ ବାକି ରହିଛେ । ତିନ୍ହି ମୁଖିଆ ରାଜନୈତିକ୍ ଦଲ୍ର ଷ୍ଟାର୍ ପ୍ରଚାରକ୍ମାନେ ଭୋଟର୍ ମାନ୍କୁ ସେମାନ୍କର୍ ପଖିଆଥି ଭୋଟ୍ ଦେବାର୍ ଲାଗି ମତଉଛନ୍ । ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବଞ୍ଜାରୀ ମଣ୍ଡଲ୍ ନ ଗଲାକାଏଲ୍ ଦଲର୍ ପ୍ରାର୍ଥୀ ଜୟ ଢୋଲ୍କିଆଙ୍କର୍ ଲାଗି ପ୍ରଚାର୍ କରିଥିଲେ । ମହିଲା କଂଗ୍ରେସ୍ ରାଜ୍ୟ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ନୂଆପଡ଼ା ବ୍ଲକ୍ ଜିଲ୍ଲା ପରିଷଦ୍ ୭ ନମ୍ବର୍ ଜୋନ୍ ଥି ଘାସିରାମ୍ ମାଝୀଙ୍କର୍ ସହେତେ ପ୍ରଚାର୍ କରିଛନ୍ । ସେଆଡ଼େ ବିଜେଡ଼ିର୍ ବରିଷ୍ଠ ନେତାମାନେ ଭିଲ୍ ଦଲୀୟ ପ୍ରାର୍ଥୀ ସେହାଙ୍ଗିନୀ ଛୁରିଆଙ୍କର୍ ଲାଗି ପ୍ରଚାର୍ କରିଥିଲେ ।

ଜମି କିସମ- ରାଜସ୍ୱ ମନ୍ତ୍ରୀ        ଆର୍ଏନ୍ୟୁ/ କଟକ୍

କ୍ଷୁଦ୍ର, ଲଘୁ ଆଉ ମଧ୍ୟମ୍ ଉଦ୍ୟୋଗ୍ ଲାଗି ଜମି କିସମ୍ ବଦ୍‌ଲାବାର୍ ସମିଆକେ ଦେୟ ଆଉ ଭଡ଼ା ଦେବାର୍‌କେ ନାଇଁ ପଡ଼େ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଆଘୋନୁ କିସମ୍ ବଦ୍‌ଲାବାର୍ ଲାଗି ଜମିନ୍ ବେଂଚ୍‌ମାର୍କର ୧ ପ୍ରତିଶତ୍ ଦେୟ ଦେବାର୍‌କେ ପଡୁଥିଲା । କେନ୍ଦ୍ର ପୋର୍ଟାଲ୍‌ଥି ଥିବାର୍ ସହେତେ ଜିଲ୍ଲା କମିଟି ତର୍‌ଫୁ ଅନୁମୋଦିତ୍ ହେଇଥିଲେ ଇ ସୁବିଧା ମିଲ୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍-ରାଜସ୍ୱ ମନ୍ତ୍ରୀ)

ସଂରକ୍ଷିତ୍ ଇଲାକା ପ୍ରତିରକ୍ଷା, ପ୍ରତ୍ନତାତ୍ୱିକ୍ ଜମି ଲାଗି ଇ ସୁବିଧା ନାଇଁ ମିଲେ । ଉଦ୍ୟୋଗୀ ମାନେ ଲକ୍ଷ୍ୟନୁ ଇଆଡ୍‌ସିଆଡ୍ ହେଲେ ଜମି ଫିରାବେ ବଲି ଶ୍ରୀ ପୂଜାରୀ କହିଛନ୍ ।

ମେଡ଼ିକାଲ୍ କଲେଜ୍- ପିଜି ସିଟ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

୨୦୨୫-୨୬ ଶିକ୍ଷା ବଛର୍ ଲାଗି ବୁର୍ଲା ଭିମ୍‌ସାର୍ ସହେତେ ରାଜ୍ୟର୍ ୬ ଟା ମେଡ଼ିକାଲ୍ କଲେଜ୍ ନ ୬୨ ଟା ପିଜି ସିଟ୍ ବଢ଼ାଯାଇଛେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଇ ସିଟ୍ ବୃଦ୍ଧିକେ ଅନୁମୋଦନ୍ କରିଛେ । ଇ ନିଷ୍ପତି ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ରାଜ୍ୟ ରାଜ୍‌ପଥ୍ -ସ୍କେନର          ହି.ସ.

ଜାତୀୟ ରାଜ୍‌ପଥ୍ ବାଗିର୍ ରାଜ୍ୟ ରାଜ୍‌ପଥ୍ ନ ଭିଲ୍ ସ୍କେନର୍ ବ୍ୟବସ୍ଥା ରହେବା ବଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇ ସ୍କେନର୍ ଜରିଏ ଲୋକ୍‌ମାନେ ଠିକାଦାର୍‌ଙ୍କର୍ ସୂଚ୍‌ନା ସହେତେ ରାସ୍ତା ତିଆରିର୍ ସବୁ ତଥ୍ୟ ଜାନିପାର୍‌ବେ । କିଛି ଦିନ୍ ଆଘୋନୁ କେନ୍ଦ୍ର ସଡ଼କ୍ ପରିବହନ୍ ମନ୍ତ୍ରୀ ନିତୀନ୍ ଗଡ଼୍‌କରୀ ଜାତୀୟ ରାଜ୍‌ପଥ୍ ନ ସ୍କେନର୍ ବ୍ୟବସ୍ଥା କରାଯିବାର୍ ବାବ୍‌ଦେ ପ୍ରସ୍ତାବ୍ ରଖିଥିଲେ ।

ବିଦ୍ୟାଲୟ- ଶୌଚାଲୟ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବିଦ୍ୟାଲୟମାନ୍‌କେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନ୍‌କର୍ ଲାଗି ଖାସ୍ ଶୌଚାଲୟ ତିଆର୍ ହେବା । ରାଜ୍ୟର୍ ୧୦ ଟା ଜିଲ୍ଲାର୍ ୩୪ ଟା ସ୍କୁଲ୍ ନ ଇ ଶୌଚାଲୟ ତିଆର୍ କରାଯିବା । ଇଥିର୍‌ଲାଗି ସ୍କୁଲ୍ ପିଛା ୬ ଲାଖ୍ ୫୦ ହଜାର୍ ଟଙ୍କା ଖର୍ଚ୍ଚା ହେବା । ୨୦୨୬ ଫେବୃଆରୀ ୨୮ ତାରିଖ୍‌ତକ୍ ସବୁ ତିଆରି କାମ୍ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍‌ଲାଗି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବର୍‌ଗଡ୍, ବଲାଙ୍ଗିର୍, ନୂଆପଡ଼ା ସହେତେ ୧୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖାଯାଇଛେ ।

କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି କାର୍ଖାନାମାନ୍‌କେ ସ୍ୱାସ୍ଥ୍ୟକେ ଅଗ୍ରାଧିକାର୍ ଦେବାର୍ ଉଚିତ୍ ବଲି କହିଥିଲେ ।

ଜିଲ୍ଲାପାଲ୍-ହର୍‌ଭଙ୍ଗା ବ୍ଲକ୍ ଗସ୍ତ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଗଲାକାଏଲ୍ ହର୍‌ଭଙ୍ଗା ବ୍ଲକ୍ ଯାଇକରି ଭିନ୍ ଭିନ୍ ଅନୁଷ୍ଠାନ୍ ସହେତେ ଉନ୍ନୟନ୍ ମୂଲକ୍ ପ୍ରକଳ୍ପ ବୁଲି ଦେଖିଛନ୍ । ଜିଲ୍ଲାପାଲ୍ ଶ୍ରୀ ନାଏକ୍ ହର୍‌ଭଙ୍ଗା ବ୍ଲକ୍ ଯାଇକରି ୭ ଖଁଡ଼୍ ପ୍ରାଥମିକ ବିଦ୍ୟାଲୟ ନ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇତାର୍ ସହେତେ ହିଞ୍ଚାଳ ଆଉ ଦିଗ୍‌ସିରା ଗାଁକେ ଯାଇକରି ଗାଁ ରାସ୍ତାର୍ ଅବସ୍ଥା ବାବ୍‌ଦେ ଭିଲ୍ ପଚ୍‌ରେଇ ବୁଝିଛନ୍ ।